# ସଂସ୍କୃତି ବିହାର ସୁବର୍ଣ୍ଣ ଜୟନ୍ତୀ ଅବସରରେ

• ଭିକାରୀ ଦାସ

"ସଂସ୍କୃତି ବିହାର" ଅନୁଷ୍ଠାନର ୫୦ ତମ ପୂର୍ତ୍ତି ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଏହି ଅନୁଷ୍ଠାନ ଏକ କଳାକାର ତିଆରି କାରଖାନା କହିଲେ ଅତ୍ୟୁକ୍ତି ହେବ ନାହିଁ । ଓଡ଼ିଶାର ବହୁ ସୁନାମଧନ୍ୟ କଳାକାର ଏହି ଅନୁଷ୍ଠାନରୁ ତିଆରି ହୋଇ ଆଜି ଚଳଚ୍ଚିତ୍ର ଓ ନାଟ୍ୟ ଜଗତରେ ନିଜର ପ୍ରତିଷ୍ଠା ଲାଭ କରିଛନ୍ତି । ଆଜିର ଏତିହାସିକ ବାଲିଯାତ୍ରାରୁ ଏହି ଅନୁଷ୍ଠାନ ଆରମ୍ଭ ହୋଇଥିଲା । ସେତେବେଳେ ବାଲିଯାତ୍ରା କେବଳ ବର୍ତ୍ତମାନର କିଲ୍ଲାପଡ଼ିଆ ବା ଉପର ପଡ଼ିଆରେ ହେଉଥିଲା । ଏତେ ଦୋକାନ ବଜାର ବସୁ ନ ଥିଲା କି ଦୀର୍ଘ ଦିନ ବ୍ୟାପୀ ବାଲିଯାତ୍ରା ହେଉନଥିଲା । ବାରବାଟୀ ଦୁର୍ଗ ଚାରିପଟେ ଥିବା ଗଡ଼ଖାଇ ମଧ୍ୟରେ "ସଂସ୍କୃତି ବିହାର" ପକ୍ଷରୁ ଗଣକବି ବୈଷ୍ଣବ ପାଣିଙ୍କ ରଚିତ ଗୀତିନାଟ୍ୟ ଓ ଅନ୍ୟାନ୍ୟ ନାଟକ ପରିବେଷଣ କରାଯାଇ ହଜାର ହଜାର ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରାଯାଇ ପାରୁଥିଲା । ଏହା ଫଳରେ ବାଲିଯାତ୍ରାର ଜନଗହଳିକୁ ଅନେକାଂଶରେ ନିୟନ୍ତ୍ରଣ କରାଯାଇ ପାରୁଥିଲା । ପରବର୍ତ୍ତୀ ଅବସ୍ଥାରେ ସେହି ସ୍ଥାନରେ ଇନ୍‌ଡୋର ଷ୍ଟାଡ଼ିୟମ୍ ଓ ସତ୍ୟବ୍ରତ ଷ୍ଟାଡ଼ିୟମ ନିର୍ମାଣ ହେବା ଯୋଗୁଁ ଏବଂ ଯାତ୍ରାକୁ ଦର୍ଶକମାନେ ଉପଭୋଗ କରୁଥିବା ସ୍ଥାନ ବା ପଡ଼ିଆର ସମ୍ମୁଖ ଭାଗରେ ଥିବା ଅଞ୍ଚଳକୁ ସପ୍ତଧାରା ପାର୍କ ଭାବେ ନିର୍ମାଣ କରାଯିବାରୁ ଆଉ ଉକ୍ତ ସ୍ଥାନରେ ଯାତ୍ରା କରିବା ସମ୍ଭବପର ହେଲା ନାହିଁ । କଟକ ସହର ଏକ ସାଂସ୍କୃତିକ ପ୍ରାଣକେନ୍ଦ୍ର ଭାବେ ସମଗ୍ର ଓଡ଼ିଶାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ମଧ୍ୟ ଏହିଭଳି ଏକ ଉଚ୍ଚକୋଟୀର ଅପେରାଯାତ୍ରା ବା ମଞ୍ଚଯାତ୍ରା ଦେଖିବାର ସୁଯୋଗରୁ ସଂସ୍କୃତି ପ୍ରେମୀ ଜନସାଧାରଣ ସବୁଦିନ ପାଇଁ ବଞ୍ଚିତ ହେଲେ ବା ନିରାଶ ହେଲେ । ପରବର୍ତ୍ତୀ ଅବସ୍ଥାରେ ଏହି ଅନୁଷ୍ଠାନ ସରକାରୀ ତଥା ବେସରକାରୀ ସ୍ତରରେ ଓଡ଼ିଶା ତଥା ଓଡ଼ିଶା ବାହାରର ବିଭିନ୍ନ ରାଜ୍ୟରେ ନିଜର କଳା ନୈପୁଣ୍ୟ ମାଧ୍ୟମରେ ବିଭିନ୍ନ ନାଟକ ଓ ଅପେରା ପରିବେଷଣ କରି ବହୁ ଖ୍ୟାତି ଅର୍ଜନ କରିଛନ୍ତି ।

ସଂସ୍କୃତି ସମ୍ପନ୍ନ କଟକ ସହରର ଅଗଣିତ ଜନସାଧାରଣଙ୍କର ସଦିଚ୍ଛା ଓ ଆଶୀର୍ବାଦକୁ ପାଥେୟ କରି ଆଜି "ସଂସ୍କୃତି ବିହାର" ତା'ର ୫୦ ତମ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଅଛି । ଏହି ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ସମସ୍ତ କର୍ମକର୍ତ୍ତାଙ୍କର ଦୀର୍ଘ ଜୀବନ କାମନା କରୁଛି ।

*ସାଧାରଣ ସଂପାଦକ, କଟକ ମହାନଗର ଶାନ୍ତି କମିଟି*